To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମଦ୍ରାସାରେ ଜାତୀୟ ସଂଗୀତ ଗାନକୁ ବାଧତାମୂଳକ କରିବା ପାଇଁ ଯୋଗୀ ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟଙ୍କ ମୋହର ।

R.N.I. No.-42041/83 Vol-15, Issue No.97, ଭଦ୍ରକ, ଗୁରୁବାର, ୫, ଅକ୍ଟୋବର ୨୦୧୭ ■ Bhadrak, Thursday, 5 October 2017 Rs. 2.00 Pages-8

ବିଜେପିରେ ଯୋଗଦେବେ ଲୁଲୁଙ୍କ ପରିବାର

ଭୁବନେଶ୍ୱର, ୪।୧୦ (ସକାଳ ଖବର): କଂଗ୍ରେସ ଦଳର ଦିବଂଗତ ବରିଷ୍ଠ ନେତା ତଥା ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କର ସାନ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ କନ୍ୟା ଉପାସନା ବିଦ୍ୟାଧର ମହାପାତ୍ର ବିଜେପି ଦଳରେ ଯୋଗଦେଇପାରନ୍ତି । ଆସନ୍ତା ୧୪ ତାରିଖରେ ଭୁବନେଶ୍ୱରରେ ଏକ ଉତ୍ସବରେ ସେମାନେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେବେ ବୋଲି ଆଲୋଚନା ହେଉଛି । କେବଳ ସେମାନେ ନୁହଁନ୍ତି ଲୁଲୁଙ୍କ ନାମରେ ଗଠନ କରାଯାଇଥିବା ଲୁଲୁ ସେନାର ସଦସ୍ୟଙ୍କ ସମେତ କିଛି ପୂର୍ବତନ ବିଧାୟକ ବିଜେପିରେ ମିଶିବା ନେଇ ମଧ୍ୟ ବିଶେଷ ଭାବେ ଆଲୋଚନା ହେଉଛି । ଅନ୍ୟପକ୍ଷରେ ସେମାନଙ୍କର ଯୋଗଦାନ

ନିରାଶ ପ୍ରଚାର କରିବା କିଛି ଲୋକଙ୍କ ଅଭ୍ୟାସ

- ଅରୁଣ ସୌରୀ ଓ ଯଶବନ୍ତ ସିହ୍ନାଙ୍କୁ ମୋଦିଙ୍କ ନାମ ନନେଇ ସମାଲୋଚନା
- ଆଜି ଦେଶର ଅର୍ଥବ୍ୟବସ୍ଥା କମ ନଗଦରେ ଚାଲୁଛି
- ଦେଶର ଅର୍ଥ ବ୍ୟବସ୍ଥାକୁ ସଠିକ ଦିଗରେ ନେବା ପାଇଁ ଜିଏସଟି ଲାଗୁ କରାଯାଇଛି

ନୂଆଦିଲ୍ଲୀ, ୪।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦ ଇନଷ୍ଟିଚ୍ୟୁଟ ଅଫ କମ୍ପାନୀ ସେକ୍ରେଟରିଜ୍ ଅଫ୍ ଇଣ୍ଡିଆ (ଆଇସିଏସଆଇ)ର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବହୁ **(ପୃଷ୍ଠା-୭)**

ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ଅବହେଳାରୁ ଭୁଶୁଡ଼ିଲା ବ୍ରିଜ୍

ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କଲା ପୂର୍ତ୍ତ ବିଭାଗ

ଭୁବନେଶ୍ୱର, ୪।୧୦ (ସକାଳ ଖବର): ଭୁବନେଶ୍ୱର ବମିଖାଲ ଓଭରବ୍ରିଜ ଭୁଶୁଡିବା ଘଟଣାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିଛି ପୂର୍ତ୍ତ ବିଭାଗ । ରିପୋର୍ଟରେ ଷ୍ଟାଣ୍ଡାର୍ଡ ଅପରେଟିଂ ଅନୁଯାୟୀ ନିର୍ମାଣ କାମ ପାଳନ ହୋଇନଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ଅବହେଳାରୁ ଏପରି ହୋଇଥିବା ରିପୋର୍ଟରୁ ଜଣାପଡିଛି । ଉଲ୍ଲେଖ ଅନୁଯାୟୀ, ବିନା ସେଣ୍ଟ୍ରିଂ ଆପ୍ରୁଭାଲରେ କାମ ଚାଲିଥିଲା । ନିର୍ମାଣକାରୀ ସଂସ୍ଥା ନିର୍ମାଣ ପୂର୍ବରୁ ଡିଜାଇନ ଦେଇନଥିଲା । ଏହାଛଡ଼ା ବ୍ରିଜ୍ ନିର୍ମାଣ ହେବା ପୂର୍ବରୁ ଡିଜାଇନ୍ ପୂର୍ତ୍ତ ବିଭାଗ ନିକଟରେ ଠିକା ସଂସ୍ଥା ଦାଖଲ କରିନଥିଲେ । ଏହାବ୍ୟତୀତ ନିର୍ମାଣ ବେଳେ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ ହୋଇନଥିଲା । ନିର୍ବାହୀ ଯନ୍ତ୍ରୀ ଦୁଃଖବନ୍ଧୁ ବେହେରା, ଉପନିର୍ବାହୀ ଯନ୍ତ୍ରୀ ବଂଶୀଧର ପ୍ରହରାଜ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର କିଶୋର କୁମାର ରାଉତ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରି ନଥିବା ରିପୋର୍ଟରେ ଦର୍ଶାଯାଇଛି । ଏଥିପାଇଁ ସେମାନଙ୍କ ବିରୋଧରେ ଚାର୍ଜସିଟ୍ କରାଯାଇଛି । ବ୍ରିଜ୍ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟସ ଇଣ୍ଡିଆ ଲିମିଟେଡ୍‌କୁ କଳା ତାଲିକାଭୁକ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ବ୍ରିଜ୍ ନିର୍ମାଣ ଲାଗି ବ୍ୟୟ ଅଟକଳ କରାଯାଇଥିଲା **(ପୃଷ୍ଠା-୭)**

ଅସନ୍ତୁଷ୍ଟଙ୍କୁ ମନାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୧୦ (ସକାଳଖବର): ବିଜେପୁର ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ମୁଖ୍ୟମନ୍ତ୍ରୀ କଂଗ୍ରେସ ଦଳର ଦିବଂଗତ ବିଧାୟକ ସୁବଳ ସାହୁଙ୍କର ପତ୍ନୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି । ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ, ଦଳର ସ୍ୱାଭିମାନ ଓ ଇଜ୍ଜତ ବଜାୟ ରଖିବା ପାଇଁ ତାଙ୍କୁ ପୁନଃ ସମର୍ଥନ ଦିଆଯିବ ବୋଲି ପ୍ରତାପ ଆଦିତ୍ୟ ମିଶ୍ର ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ରୀତା ସାହୁଙ୍କର ପ୍ରାର୍ଥୀତ୍ୱକୁ ନେଇ ଯେଉଁ ଅସନ୍ତୋଷ ଦେଖା ଦେଇଥିଲା ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ ହେଲା ପରେ ତାହା ଦୂର ହୋଇଛି ବୋଲି ସେ କହିଛନ୍ତି । ଆଜି ଅପରାହ୍ନରେ ବିଜେଡ଼ି ରାଜ୍ୟ କାର୍ଯ୍ୟାଳୟଠାରେ ଘୋଷିତ ପ୍ରାର୍ଥୀତ୍ୱକୁ ନେଇ ଦେଖାଦେଇଥିବା ଦ୍ୱନ୍ଦର ଦୂର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବୈଠକ କରିଥିଲେ । ଏଥିରେ ପ୍ରଭାତ ଆଦିତ୍ୟ ମିଶ୍ରଙ୍କ ସମେତ ତାଙ୍କର ଶତାଧିକ ସମର୍ଥକ, ଶୁଭେଚ୍ଛୁ ଓ କର୍ମୀମାନେ ଉପସ୍ଥିତ ଥିଲେ । ଏହା ବ୍ୟତୀତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଗୋବିନ୍ଦ ସିଂ, ବିଧାୟକ ଦେବୀ ମିଶ୍ର, ପୂର୍ବତନ ସାଂସଦ ଭୂପିନ୍ଦର ସିଂ, ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ସଞ୍ଜୟ ଦାସବର୍ମା ଉପସ୍ଥିତ ଥିଲେ । ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେପୁର ନିର୍ବାଚନ ନେଇ କର୍ମୀ ଏବଂ ପ୍ରତାପ ଆଦିତ୍ୟ ମିଶ୍ରଙ୍କ ସହିତ ଆଲୋଚନା ହୋଇଥିଲା । ଏଥିନେଇ ଯେଉଁ ଅସନ୍ତୋଷ ଥିଲା ତାହା ମଧ୍ୟ ଦୂର ହୋଇଛି । ବିଜେପୁର ଉପ ନିର୍ବାଚନରେ ଦଳର ବିଜୟ ହେବ ବୋଲି ସମସ୍ତେ ଆଶାବାଦୀ ଅଛୁ । ପ୍ରଭାତ ଆଦିତ୍ୟ ମିଶ୍ର କହିଥିଲେ ଯେ, ବିଜେପୁର ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ହୋଇଥିବା ଶ୍ରୀମତୀ ରୀତା ସାହୁଙ୍କ ପ୍ରାର୍ଥୀତ୍ୱକୁ **(ପୃଷ୍ଠା-୭)**

ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ଭୁବନେଶ୍ୱର, ୪।୧୦ (ସକାଳ ଖବର): ବ୍ଲକ୍ ଗ୍ରାଂଟ ଅଧ୍ୟାପକ ମାନଙ୍କର ଦରମା ମାମଲାର ଆବେଦନ ଶୁଣାଣି କରି ସୁପ୍ରିମ୍ କୋର୍ଟ ରାଜ୍ୟ ସରକାରଙ୍କୁ ଜବାବ୍ ଦେବା ଲାଗି ନୋଟିସ୍ ଜାରୀ କରିଛନ୍ତି । ସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିବା ଅଧ୍ୟାପକ ମାନଙ୍କ ଭଳି ପୂର୍ଣ୍ଣ ଦରମା କାହିଁକି ଦିଆଯିବ ନାହିଁ, ତାହା ଉପରେ ଜବାବ୍ ରଖିବା ପାଇଁ କୋର୍ଟ ନୋଟିସ୍ ରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ବ୍ଲକ୍ ଗ୍ରାଂଟ ଶିକ୍ଷକ ମାନଙ୍କ ଆବେଦନକୁ ଅଗ୍ରାହ୍ୟ କରିବା ପାଇଁ ରାଜ୍ୟ ସରକାର କରିଥିବା ଆବେଦନକୁ କୋର୍ଟ ଖାରଜ୍ କରିଛନ୍ତି । ଯାହାକି ରାଜ୍ୟ ସରକାରଙ୍କୁ ଝଟକା ଦେଇଛି । ଆସନ୍ତା ୨୭ ତାରିଖରେ ମାମଲାର ପରବର୍ତୀ ଶୁଣାଣି କରାଯିବ । ଜଷ୍ଟିସ୍ ଅରୁଣ ମିଶ୍ର ଏହି ମାମଲାର ଶୁଣାଣି କରିଥିଲେ । ସୂଚନାଯୋଗ୍ୟ ଯେ ପୂର୍ବରୁ ସୁପ୍ରିମ୍ କୋର୍ଟ ଅଧ୍ୟାପକଙ୍କୁ ପୂର୍ଣ୍ଣ ଅନୁଦାନ ଦେବାପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ଆଧାରରେ ପ୍ରାୟ ୧୩୦୦ କଲେଜର ପାଖାପାଖି ୫ ହଜାରରୁ ଅଧିକ ଅଧ୍ୟାପକ ସୁପ୍ରିମ୍ କୋର୍ଟରେ ଆବେଦନ କରିଥିଲେ ।

ବ୍ଲକ ଗ୍ରାଣ୍ଟ ଅଧ୍ୟାପକ ଦରମା ପ୍ରସଙ୍ଗ



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୪.୧୦.୧୭)
୨,୧୧,୪୬୫

କାନନ ବିହାର ହାସିନା ଦାସ ହତ୍ୟା ଘଟଣା

ଅଭିଯୁକ୍ତ ପ୍ରେମିକ ଗିରଫ

ବିବାହ ପାଇଁ ରାଜି ନହେବାରୁ କରିଥିଲା ହତ୍ୟା

ଭୁବନେଶ୍ୱର, ୪।୧୦ (ସକାଳ ଖବର): ଭୁବନେଶ୍ୱର କାନନ ବିହାର ଅଂଚଳରେ ଘଟିଥିବା ହସିନା ଦାସ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଦ୍ୟୁମ୍ନ ପରିଡାକୁ ପୋଲିସ୍ ଗିରଫ କରିଛି । ଏନେଇ ପୋଲିସ୍ କମିଶନର ୱାଇ .ବି ଖୁରାନିଆ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ହତ୍ୟାକାରୀକୁ ବୁଧବାର କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କ ସହ ହାସିନାଙ୍କର ୨ ବର୍ଷ ତଳୁ ପ୍ରେମ ସମ୍ପର୍କ ରହିଥିଲା । ପ୍ରଦ୍ୟୁମ୍ନ ବିବାହିତ ବୋଲି ଜାଣିବା ପରେ ହାସିନା ତାଙ୍କ ଠାରୁ ଦୂରେଇ ରହୁଥିଲେ । ଏହା ସତ୍ୱେ ପ୍ରଦ୍ୟୁମ୍ନ ଏକତରଫା ଭାବେ ହାସିନାଙ୍କୁ ଭଲ ପାଉଥିଲା । ଘଟଣା ଦିନ ହାସିନାଙ୍କ ଘରେ ଉପୟଙ୍କ ମଧ୍ୟରେ ବିବାହକୁ ନେଇ ବଚସା ହୋଇଥିଲା । ବିବାହ ପାଇଁ ରାଜି ନହେବାରୁ ପ୍ରଦ୍ୟୁମ୍ନ ପ୍ରଥମେ ପରିବା କଟା ଛୁରୀରେ ହାସିନାଙ୍କ ବେକ କାଟିଥିଲା । ପରେ ତକିଆ ଦ୍ୱାରା ତାଙ୍କୁ ଶ୍ୱାସ ରୁଦ୍ଧ କରିଥିଲା । ହାସିନା ଯେଉଁ ନର୍ସିଂହୋମ୍ ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ ପ୍ରଦ୍ୟୁମ୍ନ ସେଠାରେ ସୁପର ଭାଇଜର ଭାବେ କାର୍ଯ୍ୟ କରୁଥିଲେ । ସୂଚନାଯୋଗ୍ୟ ଯେ ଗତମାସ ୨୫ ତାରିଖରେ ହାସିନାଙ୍କ ଡଂଟି କଟା ମୃତଦେହ କାନନ ବିହାର ସ୍ଥିତ ଭଡା ଘରୁ ଉଦ୍ଧାର କରାଯାଇଥିଲା । ହାସିନାଙ୍କ ଘର ଜଗତସିଂହପୁର ଜିଲ୍ଲା ଏରସମା ଅଂଚଳରେ । ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ ।



ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୁରୀ ବେଳାଭୂମିରେ ମା'ଙ୍କ ନିଖୁଣ ବାଲୁକା କଳା

ନଭେମ୍ବର ୧ରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲିବ ଶିମିଳିପାଳ

ବାରିପଦା,୪।୧୦ (ସକାଳ ଖବର): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ତଥା ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ହରି ଶଙ୍କର ବିଶଷ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକମାନଙ୍କ ପ୍ରବେଶ ନିମନ୍ତେ ବାରିପଦା ଓ ଯଶୀପୁର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରୁ ଅନୁମତି ମିଳିପାରିବ । ଏଥି ସହିତ ପ୍ରତ୍ୟେକ ଦିନ ପିଠାବଟା ରେଞ୍ଜର ଲୁଲୁଙ୍ଗ ଫାଟକ ଦେଇ ୨୫ ଗୋଟି ଓ ଯଶୀପୁରର କାଳିଆଣି ଫାଟକ ମଧ୍ୟ ଦେଇ ୩୫ ଗୋଟି ଚାରିଚକିଆ ଯାନର ପ୍ରବେଶ ନିମନ୍ତେ ସର୍ବପ୍ରଥମେ ଆସିଥିବା ଯାନଗୁଡ଼ିକ ମଧ୍ୟରୁ କ୍ରମାନ୍ୱୟ ଅନୁସାରେ ଅନୁମିତି ମିଳିପାରିବ । ଏଥି ନିମନ୍ତେ ପିଠାବଟା ଓ ଯଶିପୁର ବୁକିଂ କାଉଂଟରରେ ପୂର୍ବାହ୍ନ ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରବେଶ ପତ୍ର ମିଳିପାରିବ । ଅଭୟାରଣ୍ୟକୁ ସ୍ୱଚ୍ଛ ନିର୍ମଳ ରଖିବା ଲକ୍ଷ ନେଇ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଶ ଆଦି ନେବା ଉପରେ କଟକଣା ଜାରି କରାଯାଇଅଛି । ପର୍ଯ୍ୟଟକମାନେ ପ୍ରବେଶ ସମୟରେ ପ୍ରଚଳିତ ନିୟମାବଳୀ ଅନୁସାରେ ଫାଟକରେ ଲିଖିତନାମା ଦାଖଲ କରିବେ ଏବଂ ଏହା ଉଲ୍ଲଘଂନ କଲେ ଆଇନ **(ପୃଷ୍ଠା-୭)**

୬ଦିନିଆ ରିମାଣ୍ଡରେ ହନିପ୍ରୀତ

- ପଞ୍ଚକୁଲା କୋର୍ଟରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର
- ଜଜ୍‌ଙ୍କ ସମ୍ମୁଖରେ ହାତଯୋଡ଼ି କାନ୍ଦିଲା

ପଞ୍ଚକୁଲା,୪।୧୦ (ସକାଳ ଖବର): ଡେରା ସଚା ସୌଦା ପ୍ରମୁଖ ଗୁରମିତ ରାମ ରହିମଙ୍କୁ ସାଧ୍ୱୀ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ପରେ ଘଟିଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ହନିପ୍ରୀତକୁ ବୁଧବାର ପଞ୍ଚକୁଲା କୋର୍ଟରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର କରାଯାଇଛି । ହାଜର ସମୟରେ ହନିପ୍ରୀତ ଭାବୁକ ହୋଇ ପଡ଼ିଥିଲା । ସେ ହାତ ଯୋଡି ଜଜଙ୍କ ସାମ୍ନାରେ କାନ୍ଦିଥିଲା । ହରିୟାଣା ପୋଲିସ ହନିପ୍ରୀତକୁ ୧୪ ଦିନ ରିମାଣ୍ଡରେ ନେବାକୁ ଦାବି କରିଥିଲା । ମାତ୍ର କୋର୍ଟ ୬ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି । ପୋଲିସ କହିଛି ଯେ ତାଙ୍କୁ ହନିପ୍ରୀତର ମୋବାଇଲ ଫୋନ୍ ଦରକାର । ପୋଲିସ ମୁତାବକ ହନିପ୍ରୀତ ହିଂସା ଦିନ ଯେଉଁ ମୋବାଇଲ ଫୋନ ବ୍ୟବହାର କରିଥିଲା ସେହି ଫୋନ ଦରକାର । ଏହା ବ୍ୟତୀତ ସେ ଫେରାର ଥିବା ସମୟରେ ମଧ ମୋବାଇଲ ଜରିଆରେ ଲୋକଙ୍କ ସଂପର୍କରେ ଥିଲା । ଅନ୍ୟ ପଟେ ହନିପ୍ରୀତର ଓକିଲ ଏସକେ ଗର୍ଗ କହିଛନ୍ତି ଯେ ତାଙ୍କର ମହକିଲ ଉପରେ କୌଣସି ପ୍ରକାର ଦେଶଦ୍ରୋହୀ ମାମଲା ହେବ ନାହିଁ । ଉଲ୍ଲେଖଯୋଗ୍ୟ ୩୮ ଦିନ ଗାଏବ ରହିବା ପରେ ମଙ୍ଗଳବାର **(ପୃଷ୍ଠା-୭)**

ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଜାମିନ୍ ପ୍ରସଙ୍ଗ

କେସ୍ ଡାଏରୀ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୪।୧୦ (ସକାଳ ଖବର): କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଜାମିନ୍ ଆବେଦନ ପ୍ରସଙ୍ଗରେ କେସ୍ ଡାଏରୀ ଦାଖଲ କରିବାକୁ ହାଇକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । କେସ୍ ଡାଏରୀ ଦାଖଲ ପରେ ଆସନ୍ତା ୧୭ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ । ସୂଚନାଯୋଗ୍ୟ ଯେ ଗତ ମାସ ୧୮ ତାରିଖ ବିଳମ୍ବିତ ରାତିରେ ପ୍ରଭାତଙ୍କୁ ଗିରଫ କରାଯାଇଥିଲା ଏବଂ ୧୯ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ପାଇଁ ପୂର୍ବରୁ ସେ ୨ ଥର ଆବେଦନ କରିସାରିଥିଲେ ମଧ୍ୟ ଏହା ନାମଂଜୁର ହୋଇଯାଇଥିଲା । ବର୍ତମାନ ସେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।

ବିଦ୍ୟୁତ ଆଘାତରେ ଭିନ୍ନକ୍ଷମ ଯୁବକ ମୃତ

ଭଦ୍ରକ,୪।୧୦ (ସକାଳ ଖବର): ଆଜି ସକାଳେ ବିଦ୍ୟୁତ ଆଘାତରେ ଜନୈକ ଭିନ୍ନକ୍ଷମ ମୁକ ଯୁବକଙ୍କର ମୃତ୍ୟୁ ଘଟିଛି । ତାଙ୍କ ନାମ ସମ୍ଭୁନାଥ ମହାରଣା (୪୦) ଦ୍ଧ ମହେନ୍ଦ୍ର ମହାରଣାଙ୍କ ପୁତ୍ର । ତାଙ୍କଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ କୋଡବରୁଆଁ ପଞ୍ଚାୟତ ଅନ୍ତରା ଗ୍ରାମରେ । ସକାଳ ୧୧ଘଟିକା ସମୟରେ ତାଙ୍କ ଘରପାଖ କଦଳୀ ଗଛରୁ କାନ୍ଦି କାଟୁଥିବା ବେଳେ ବିଦ୍ୟୁତ ତାର ସଂଲଗ୍ନ ହୋଇଯିବା ଫଳରେ ପୋଖରୀ ଜଳଲାଗି ବିଦ୍ୟୁତ ଆଘାତପ୍ରାପ୍ତ ହୋଇଥିଲେ । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଗ୍ରାମାଞ୍ଚଳ ଥାନା ପୋଲିସ ୮୧/୧୭ ନଂ ଅପମୃତ୍ୟୁ ମାମଲା ମୂଳେ ଶବବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି ।

ଜଷ୍ଟିସ୍‌ଙ୍କ ଘରେ ପଶିବା ଉଦ୍ୟମ ଘଟଣା

ପୋଲିସ ନିକଟରେ ରିପୋର୍ଟ ଦାଖଲ କଲା ସିବିଆଇ

କଟକ, ୪।୧୦ (ସକାଳ ଖବର): ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସି.ଆର. ଦାଶଙ୍କ ଘରେ ରାତି ଅଧିଆ ସିବିଆଇ ଅଧିକାରୀମାନେ ପଶିବା ଉଦ୍ୟମ ଘଟଣାରେ କମିଶନରେଟ୍ ପୋଲିସ ସିବିଆଇକୁ ତଥ୍ୟ ମାଗିଥିଲା । ଆଜି ସିବିଆଇ ପକ୍ଷରୁ ସମସ୍ତ ତଥ୍ୟ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଜମା କରାଯାଇଛି । ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଆଇ.ଏମ୍. କୁଦ୍ଦୁସିଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ସିବିଆଇ ଭୁଲ୍‌ରେ ଜଷ୍ଟିସ୍ କୁଦ୍ଦୁସିଙ୍କ କ୍ୱାର୍ଟର୍ସ ଭାବି ବର୍ତ୍ତମାନ ବିଚାରପତି ଥିବା ସି.ଆର. ଦାଶଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲା । ମାତ୍ର ଗେଟ୍‌ରେ ସୁରକ୍ଷା କର୍ମୀମାନେ ବିରୋଧ କରିଥିଲେ । ପରେ ସିବିଆଇ କର୍ମଚାରୀମାନେ ସି.ଆର. ଦାଶଙ୍କ ସହିତ କଥା ହେବାକୁ ଚାହିଁ ଥିଲେ । ରାତି ଅଧିକ ହୋଇଥିବାରୁ ବିଚାରପତିଙ୍କ ସହିତ ଭେଟିବାକୁ ଦିଆଯିବ ନାହିଁ ବୋଲି ସୁରକ୍ଷା ଅଧିକାରୀମାନେ କହିବାରୁ ସିବିଆଇ ଅଧିକାରୀମାନେ ଯୁକ୍ତିତର୍କ କରିଥିବା ଅଭିଯୋଗ ହୋଇଥିଲା । **(ପୃଷ୍ଠା-୭)**

Óbÿµÿæ Àÿ†ÿ þÉœÿ Lÿæ¾¿Lÿþ H Sæ¤ÿêf ß;ÿê

[illegible]

Lÿþ æÀÿ ¨,ÿþæ H Sf àÿäê ¨fæ ¨æB ÓÜÿÀÿ `ÿÁÿ`ÿoÁÿ

[illegible]

ÓxÿLÿ Ó{¯ÿ†ÿœÿ†ÿæ {œÿB ¯ÿæBLÿ {Éæµÿæ¾æ†ÿæ

[illegible]

F àÿ{þB ¯ÿf fœÿ†ÿæ'ÿÀÿÀÿ Óæµÿþæœÿ ¨æB : ¯ÿµÿæ†ÿ Aæ'ÿ†ÿ¿

[illegible]

DÓS ¨äÀÿ AæÀÿxÿ vÿæ{Àÿ þÓæÀÿ H LÿºÀÿ ¯ÿ+œÿ

[illegible]

HÝÉæ ¨æB¨ fÀÿ Lÿþ'ÿæÀÿê ÓóW fàÿæÖÀÿêß Ó¼Áÿœÿê H þÜÿæA™{¯ÿÉœÿ

[illegible]

HxÿÉæ SÖ{Àÿ ¯ÿ{f¨ Óæ™æÀÿ~ Ó¸æ'ÿLÿ Aœÿ'ÿ {fœÿ

[illegible]

Óbÿ†ÿæ Üÿ {Ó¯ÿæ Aµÿ¾æœÿ Aæ{ßæfœÿ A¯ÿÓÀÿ{Àÿ ¯ÿ¯ÿ™ Lÿæ¾¿Lÿþ Aæ{ßæf†ÿ

[illegible]

Óºàÿ ¨Àÿ {AÀÿþ fÀÿ{Àÿ Óf S {Àÿ Lÿþ ÀÿæÜÿæ ¯ÿæÀÿæ†ÿæ ¯ÿ AÜÿÓæÀÿ

[illegible]

S¨S¨ {xÿ{ÓÓ

Fvÿ{Àÿ Óàÿµÿ þàÿ¿{Àÿ {d‡s H ¯ÿÝ ¨àÿæZÿ ¨æB {xÿÓ þÀÿ$æF ›
{¨æ - 'ÿSæ ¨Óæ'ÿ fÿàÿ
þ¿œÿ {Àÿæxÿ, AæßSxÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ